### ହୋମି ଭାବା କ୍ୟାନସର ହସ୍ପିଟାଲ୍ ଓ ଗବେଷଣା କେନ୍ଦ୍ରର ଶିଳାନ୍ୟାସ କଲେ ନବୀନ

# ମିଳିବ ବିଶ୍ୱସ୍ତରୀୟ କ୍ୟାନ୍‌ସର ଚିକିତ୍ସା








- ◂◂ ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରର ରୂପାନ୍ତରଣ ହେଉଛି: ମୁଖ୍ୟମନ୍ତ୍ରୀ
- ◂◂ ୨୦୨୫ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ରୋଗୀ ସେବା
- ◂◂ ଏସିଆର ସର୍ବାଧିକ ଉନ୍ନତ ସାଇକ୍ଲୋଟ୍ରାନ୍ ଗବେଷଣା କେନ୍ଦ୍ର ହେବ

ଭୁବନେଶ୍ୱର/ଜଟଣୀ,୩।୧୦(ବ୍ୟୁରୋ/ଆପ୍ର): ହୋମି ଭାବା କ୍ୟାନସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ରର ଜଟଣୀ ନାଇଜର କ୍ୟାମ୍ପସରେ ଶିଳାନ୍ୟାସ ହୋଇଯାଇଛି। ୨୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ୍‌ରେ ବିଶ୍ୱସ୍ତରୀୟ ଚିକିତ୍ସା ସୁବିଧା ସହ ଗବେଷଣା କରାଯିବ। ୨୦୨୫ ଡିସେମ୍ବର ସୁଦ୍ଧା ଏହି କ୍ୟାନସର ହସ୍ପିଟାଲ୍‌କୁ କାର୍ଯ୍ୟକ୍ଷମ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରି କହିଛନ୍ତି, ଏହି କେନ୍ଦ୍ର ରାଜ୍ୟରେ କ୍ୟାନସର ଚିକିତ୍ସା ସୁବିଧାକୁ ତ୍ୱରାନ୍ୱିତ କରିବ। ଫଳରେ ରୋଗୀଙ୍କୁ ଚିକିତ୍ସା ପାଇଁ ମୁମ୍ବାଇ ପରି ବଡ଼ ସହରକୁ ଯିବାକୁ ପଡ଼ିବନି। ଏଥିସହ ଲୋକଙ୍କ ଅର୍ଥ ସଞ୍ଚୟ ହେବ ଏବଂ ମାନସିକ କଷ୍ଟରୁ ମୁକ୍ତି ମିଳିବ। ଓଡ଼ିଶା ସହ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ରୋଗୀମାନେ ମଧ୍ୟ ଉପକୃତ ହେବେ। ଏହି ହସ୍ପିଟାଲକୁ ଯୋଗାଯୋଗ ସୁବିଧା କରାଯିବ। ମୋ ବସ୍ ଯାତାୟାତ ସୁବିଧା ସହ ଭଲ ରାସ୍ତା, ଶୀର୍ଷ ଶ୍ରେଣୀର ବସ୍‌ଷ୍ଟାଣ୍ଡ, ଅଗ୍ନିଶମ କେନ୍ଦ୍ରର ବ୍ୟବସ୍ଥା କରାଯିବ। ରୋଗୀମାନେ ବିଏସ୍‌କେୱାଇ କାର୍ଡରେ ମାଗଣା ଚିକିତ୍ସା ହୋଇପାରିବେ। ହସ୍ପିଟାଲ୍ ଭିତରେ ଏକ ଆହାର କେନ୍ଦ୍ର ସ୍ଥାପନ କରାଯିବ।

ଏହି ସୁବିଧା ପାଇଁ କେନ୍ଦ୍ର ସରକାରଙ୍କ ଆଣବିକ ଶକ୍ତି, ନାଇଜର, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଟାଟା ଷ୍ଟିଲ୍ ମେମୋରିଆଲ୍ କେନ୍ଦ୍ରକୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମେଡିକାଲ ସାଇକ୍ଲୋଟ୍ରାନ୍ ସୁବିଧା ପାଇଁ ରାଜ୍ୟ ସରକାର ୬୫ ଏକରରୁ ଅଧିକ ଜମି ସହ ଦେଢ଼ ଶହ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ହସ୍ପିଟାଲ୍ ଏସିଆର ସର୍ବାଧିକ ଉନ୍ନତ ସାଇକ୍ଲୋଟ୍ରାନ୍ ଗବେଷଣା କେନ୍ଦ୍ର ହେବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାର ରୂପାନ୍ତରଣ ପ୍ରକ୍ରିୟା ଚାଲିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାର ବୃହତ ପରିବର୍ତ୍ତନ ହେଉଛି। ଆମେ ଆମର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜଭୁତ କରିଛୁ। ସ୍ୱାସ୍ଥ୍ୟ ଶିକ୍ଷା ଓ ନିୟମିତ ଡାକ୍ତର ନିଯୁକ୍ତିକୁ ଗୁରୁତ୍ୱ ଦେଉଛୁ। ପ୍ରତିବର୍ଷ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ସହ ତାଲିମପ୍ରାପ୍ତ ଡାକ୍ତର ବାହାରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦେଶର ସର୍ବୋଚ୍ଚ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ୯୪ ଲକ୍ଷରୁ ଅଧିକ ପରିବାରକୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ପ୍ରାୟ ୧.୨୫ ଲକ୍ଷ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ ୨୨୫କୋଟିରୁ ଅଧିକ ଟଙ୍କା ବ୍ୟୟ କରାଯାଉଛି। ଏହାଦ୍ୱାରା ରାଜ୍ୟବାସୀଙ୍କ ମନୋବଳ ବୃଦ୍ଧି ପାଇବା ସହ ଚିକିତ୍ସା ଖର୍ଚ୍ଚର ଭୟ ଓ ଚିନ୍ତା ଦୂର କରିପାରିଛି ବୋଲି କହିଛନ୍ତି।

୨୦୨୨ ସେପ୍ଟେମ୍ବରରେ ମୁମ୍ବାଇର ଟାଟା ମେମୋରିଆଲ୍ ସେଣ୍ଟର ସହ ରାଜ୍ୟ ସରକାର ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ଏଥିରେ ଜଟଣୀ ନାଇଜର ପରିସରରେ ୨ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ୍ ପାଇଁ ଚୁକ୍ତିନାମା ହୋଇଥିଲା। ୨୫୦ କୋଟି ଟଙ୍କା ବ୍ୟୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ହସ୍ପିଟାଲ ନିର୍ମାଣ କରି ଟାଟା ମେମୋରିଆଲ୍ ସେଣ୍ଟର ଓ ଆଟମିକ ଏନର୍ଜି ବିଭାଗକୁ ହସ୍ତାନ୍ତର କରିବ। ଆଟମିକ ଏନର୍ଜି ବିଭାଗ ପକ୍ଷରୁ ଯନ୍ତ୍ରପାତି କ୍ରୟ, ଧର୍ମଶାଳା ଆବାସିକ କମ୍ପ୍ଲେକ୍ସ ନିର୍ମାଣ ଓ ମାନବ ସମ୍ବଳ ନିଯୁକ୍ତି ପାଇଁ ୪୦୦ କୋଟି ଟଙ୍କା ଅନୁଦାନ ମିଳିଛି। ୨୦୨୫ ସୁଦ୍ଧା ସମସ୍ତ କାର୍ଯ୍ୟ ସରିବ।

ହୋମି ଭାବା କ୍ୟାନସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ର ଏକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ। ଯାହା ବିଶ୍ୱସ୍ତରୀୟ କର୍କଟ ଚିକିତ୍ସା, ଅନୁସନ୍ଧାନ ଓ ସହାୟତା ସେବା ଯୋଗାଇବା ପାଇଁ ଉତ୍ସର୍ଗୀକୃତ ହେବ। ଏହି ସୁବିଧାରେ ଅତ୍ୟାଧୁନିକ ଜ୍ଞାନକୌଶଳ, ପ୍ରସିଦ୍ଧ ଡାକ୍ତରୀ ବିଶେଷଜ୍ଞମାନେ ଯୋଗଦେବେ। କର୍କଟ ରୋଗର ଚିକିତ୍ସା ପାଇଁ ରୋଗୀକେନ୍ଦ୍ରୀତ ଆଭିମୁଖ୍ୟ ପ୍ରଦାନ କରିବ। କର୍କଟ ରୋଗରେ ଆକ୍ରାନ୍ତ ବ୍ୟକ୍ତି ଓ ପରିବାରର ଜୀବନରେ ଉନ୍ନତି ଆଣିବ। ହସ୍ପିଟାଲ୍‌ରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯିବ। ଏଥିରେ ରାଡିଏସନ୍ ଥେରାପି, ଉନ୍ନତ ଅସ୍ତ୍ରୋପଚାର, କେମୋଥେରାପି, ଟାର୍ଗେଟେଡ୍ ଥେରାପି ଏବଂ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ସୁବିଧା ରହିବ। କର୍କଟ ଗବେଷଣା, କର୍କଟ ଚିକିତ୍ସା ଓ ପ୍ରତିରୋଧରେ ନୂତନତ୍ୱ ଓ ସଫଳତା ପାଇଁ ଏହା ଏକ ହବ୍‌ଭାବେ ପରିଣତ ହେବ।

ଖୋର୍ଦ୍ଧା ଜିଲ୍ଲାରେ ସ୍କ୍ରିନିଂ ଏବଂ ଶୀଘ୍ର ଚିହ୍ନଟ କାର୍ଯ୍ୟକ୍ରମ ମାଧ୍ୟମରେ କର୍କଟ ରୋଗର ନିରାକରଣ ଓ ଶୀଘ୍ର ଚିହ୍ନଟ ସହ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବାକୁ ଏହି ଅନୁଷ୍ଠାନ ସଂପ୍ରଦାୟର ପ୍ରସାରକୁ ବୃଦ୍ଧି କରାଯିବ।

ଶିଳାନ୍ୟାସ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଆଟମିକ୍ ଏନର୍ଜି ବିଭାଗୀୟ ସଚିବ ଅଜିତ୍ ମହାନ୍ତି, ଟାଟାଷ୍ଟିଲ୍ ଫାଉଣ୍ଡେସନ୍ ନିର୍ଦ୍ଦେଶକ ଯୋଗ ଦେଇଥିଲେ। ମୁମ୍ବାଇର ଟାଟା ମେମୋରିଆଲ୍ ସେଣ୍ଟର ପକ୍ଷରୁ ସ୍ୱାଗତ ଭାଷଣ ଦିଆଯାଇଥିବା ବେଳେ ନାଇଜର ନିର୍ଦ୍ଦେଶକ ହିରେନ୍ଦ୍ରନାଥ ଘୋଷ ଧନ୍ୟବାଦ ଦେଇଥିଲେ।

ପ୍ରମେୟ
THE PRAMEYA

Article published in: *The Prameya*, Bhubaneswar Edition, 04.10.2023, Page No. 2

SCAN ME